ଧରିତ୍ରୀ
ତାରିଖ: ୧୯.୦୮.୨୦୨୫

# ବିଆଇଆଇଟିଏମ୍‌ରେ 'ସ୍ପାର୍କ' ଉଦ୍‌ଘାଟିତ




ଭୁବନେଶ୍ୱର,୧୮।୮ (ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ରେ ଏମ୍‌ବିଏ ଇଣ୍ଡକ୍ସନ ଏବଂ ଓରିଏଣ୍ଟେଶନ କାର୍ଯ୍ୟକ୍ରମ 'ସ୍ପାର୍କ ୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ପ୍ରିନ୍ସିପାଲ ପ୍ରଫେସର ଡ. ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଖୋଲା ମନରେ, ଆତ୍ମବିଶ୍ୱାସ ସହ ପରସ୍ପର ସହଯୋଗୀ ହୋଇ ଆହ୍ୱାନର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଏମ୍‌ଜିଇଏନ୍‌ଏକ୍ସ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବି. ରବୀନ୍ଦ୍ରନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଷ୍ଠାର ସହ ଏମବିଏ ଅଧ୍ୟୟନ କରିବାକୁ ପରାମର୍ଶ ଦେବା ସହ ଭବିଷ୍ୟତରେ ନେତା, ସିଇଓ ଓ ନୀତି ନିର୍ମାତା ହେବାର ସ୍ୱପ୍ନ ଦେଖିବାକୁ ଉତ୍ସାହିତ କରିଥିଲେ। ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ କର୍ପୋରେଟ ଆଲୋଚନା, କର୍ମଶାଳା, ପୂର୍ବତନ ଛାତ୍ରଙ୍କ ସହ ଆଲୋଚନା ଏବଂ ବିଶେଷଜ୍ଞଙ୍କ ବକ୍ତୃତା ଆଦି ଅନ୍ତର୍ଭୁକ୍ତ ରହିଛି।